97 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2015-2017

- Cuttack, Friday 9 June 2017
- କଟକ, ଶୁକ୍ରବାର ୯ ଜୁନ୍ ୨୦୧୭
- ଆଜି ବୃଷ ୨୬ ଦିନ, ୧୪୨୪ ସାଲ
- ଜ୍ୟେଷ୍ଠ ୧୯ ଦିନ, ୧୯୩୯ ଶକାବ୍ଦ, ପୂର୍ଣ୍ଣିମା
- ଭାଗ- ୮୮ ସଂଖ୍ୟା- ୧୫୬
- www.thesamaja.com
  www.samajaepaper.com

ଟ ୪.୦୦ (୨୦ ପୃଷ୍ଠା)

★

# ସମାଜ

The Samaja

ପ୍ରତିଷ୍ଠାତା- ଉତ୍କଳମଣି ଗୋପବନ୍ଧୁ ଦାସ

କଟକ | ସମ୍ବଲପୁର | ବିଶାଖାପାଟଣା | କଲିକତା | ରାଉରକେଲା | ଭୁବନେଶ୍ୱର | ବ୍ରହ୍ମପୁର | ବାଲେଶ୍ୱର | ଅନୁଗୋଳ | କୋରାପୁଟରୁ ପ୍ରକାଶିତ


କ୍ୟାମ୍ପସ ହାଲଚାଲ

campushalchal@gmail.com

## ଏସ୍‌ଆରଏମ୍ ଓ ଏମ୍‌ଆଇଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣାପତ୍ର

ଆନ୍ଧ୍ରପ୍ରଦେଶ : ସ୍ଥାନୀୟ ଏସ୍‌ଆରଏମ୍ ବିଶ୍ୱବିଦ୍ୟାଳୟ ଓ ଏମ୍‌ଆଇଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ଉଭୟ ପାରମ୍ପରିକ ଓ ଆଧୁନିକ ପାଠ୍ୟକ୍ରମ ବିନିମୟ ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହାଦ୍ୱାରା ବିଦ୍ୟାର୍ଥୀ ବର୍ତ୍ତମାନ ଶିକ୍ଷାପଦ୍ଧତି ସହ ଭଲଭାବରେ ଅବଗତ ହେବା ଓ ଆଗାମୀ କମ୍ପ୍ୟୁଟର ସାଇନ୍ସ, କାଲକୁଲସ, କ୍ଲାସିକାଲ ମେକାନିକ୍ସ ଓ ଇଲେକ୍ଟ୍ରୋନିକ୍ସ ଇତ୍ୟାଦି ବିଷୟରେ ବିସ୍ତୃତ ଜ୍ଞାନ ଅର୍ଜନ କରିପାରିବେ । ଏହି ଉଦ୍ୟମକୁ ସଫଳ କରିବାପାଇଁ ଏସ୍‌ଆରଏମ୍ ବିଶ୍ୱବିଦ୍ୟାଳୟର ଅଧ୍ୟାପକମଣ୍ଡଳୀ ଆବଶ୍ୟକ ଶିକ୍ଷା କୌଶଳ ସମ୍ପର୍କରେ ଏମ୍‌ଆଇଟିର ଓସିଡବ୍ଲ୍ୟୁ ପାଠ୍ୟକ୍ରମ ବିଷୟରେ ଜ୍ଞାନଅର୍ଜନ କରିବେ । ଏପରି ପଦକ୍ଷେପ ଦ୍ୱାରା ଶିକ୍ଷାର୍ଥୀଙ୍କୁ ବିଶ୍ୱସ୍ତରୀୟ ଶିକ୍ଷା ପ୍ରଦାନ କରାଯାଇପାରିବ ବୋଲି ବିଶ୍ୱବିଦ୍ୟାଳୟର ସଭାପତି ଡ. ପି.ସତ୍ୟନାରାୟଣ କହିଛନ୍ତି ।

## ଶୁଦ୍ଧାନନ୍ଦ ବିଦ୍ୟାଳୟର ସଫଳତା

ଫୁଲନଖରା : କଚ୍ଛିପୁରସ୍ଥିତ ଶୁଦ୍ଧାନନ୍ଦ ବିଦ୍ୟାଳୟର ଶିକ୍ଷାର୍ଥୀ ଏଆଇଏସ୍‌ଏସ୍‌ଇ- ୨୦୧୭ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି । ସେଥିମଧ୍ୟରୁ ୧୩ଜଣ ଶିକ୍ଷାର୍ଥୀ ସିଜିପିଏ- ୧୦, ୧୧ଜଣ ୯.୮ରୁ ୯ ଏବଂ ୧୪ଜଣ ୮.୮ରୁ ୮ ହାସଲ କରିଛନ୍ତି । ବିଦ୍ୟାଳୟର ଏହି ସଫଳତା ପାଇଁ ଚେୟାରମ୍ୟାନ ସ୍ୱାମୀ ଆତ୍ମାନନ୍ଦଜୀ, ବ୍ରହ୍ମଚାରିଣୀ ମନୀଷା ଚୈତନ୍ୟ ଓ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ଷଡ଼ଙ୍ଗୀ ଶିକ୍ଷାର୍ଥୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ବି.ଆଇ.ଆଇ.ଟି.ଏମ୍.ରେ ଔଦ୍ୟୋଗିକ କର୍ମଶାଳା

ଭୁବନେଶ୍ୱର : ସ୍ଥାନୀୟ ବିଜୁ ପଟ୍ଟନାୟକ ସୂଚନା ପ୍ରଯୁକ୍ତି ଓ ପରିଚାଳନା ପ୍ରତିଷ୍ଠାନ ପରିସରରେ ଏକ ପାଞ୍ଚଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଆଇଇଡି ନିର୍ଦ୍ଦେଶକ ସମରେନ୍ଦୁ ସାହୁ ଉଦ୍‌ଘାଟନ କରି ଓଡ଼ିଶାରେ ଉଦ୍ୟୋଗ ବିକାଶ ପରିବେଶରେ କିପରି ଉନ୍ନତି ଆସିପାରିଛି ସେ ବିଷୟରେ ଏକ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ବିଆଇଆଇଟିଏମ୍‌ର ଅଧ୍ୟକ୍ଷ ଡ. ପି.କେ.ତ୍ରିପାଠୀ ଓଡ଼ିଶାର ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷାର୍ଥୀ କିଭଳି ଦକ୍ଷ ଉଦ୍ୟୋଗୀ ଭାବରେ ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ଏହି କର୍ମଶାଳାକୁ ଏନ୍‌ଇଏନ୍‌ର ଓଡ଼ିଶା ସଂଯୋଜକ ବରଦା ପ୍ରସାଦ ପାଣିଗ୍ରାହୀ ଏବଂ ପ୍ରଶିକ୍ଷିକା ବାସନ୍ତୀ ଭେନୁଗୋପାଲ ପରିଚାଳନା କରିଥିଲେ । ଏଥିରେ ପ୍ରାୟ ୨୧ଟିରୁ ଊର୍ଦ୍ଧ୍ୱ ବୈଷୟିକ ଏବଂ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନର ପ୍ରାୟ ୩୨ଜଣ ଅଧ୍ୟାପକ ଅଧ୍ୟାପିକା ଯୋଗଦେଇଥିଲେ ।

# 'ଶିକ୍ଷା ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବାକୁ ହେବ'

**ଦେଶରେ ବଦଳୁଥିବା ଅର୍ଥନୈତିକ ଓ ସାମାଜିକ ଅଭିବୃଦ୍ଧି ସହ ବଦଳିଛି ଶିକ୍ଷା ବ୍ୟବସ୍ଥା । ଏହା ସହ ତାଳ ଦେଇ ପ୍ରଫେସନାଲ ପାଠ୍ୟକ୍ରମ କ୍ଷେତ୍ରରେ ହେଉଛି ଦ୍ରୁତ ପରିବର୍ତ୍ତନ । ଏହି ଅନୁକ୍ରମରେ ଜାତୀୟସ୍ତରୀୟ ଶିକ୍ଷାନୁଷ୍ଠାନ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ)ର ପ୍ରଥମ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ପ୍ରଫେସର ସୁଧାକର ପଣ୍ଡା । 'ସମାଜ' ପକ୍ଷରୁ ଶ୍ରୀ ପଣ୍ଡାଙ୍କର ନିଆଯାଇଥିବା ଏକ ସାକ୍ଷାତକାରର କିୟଦଂଶ ...**



ପ୍ରଫେସର ସୁଧାକର ପଣ୍ଡା

**ପ୍ର: ଦାୟିତ୍ୱ ଗ୍ରହଣ ପରେ କିପରି ଭାବେ ବିଜିୟୁରେ ଆପଣଙ୍କର ପ୍ରଥମ ପଦକ୍ଷେପ କଣ ରହିବ ? ଆଗକୁ କଣ ସବୁ ଆହ୍ୱାନ ଅନୁଭବ କରୁଛନ୍ତି ?**

**ଉ:** ଏଠାରେ ଦାୟିତ୍ୱ ଗ୍ରହଣ ପରେ ପ୍ରଥମେ ଶିକ୍ଷକ ଏବଂ ପ୍ରଫେସରଙ୍କ ମଧ୍ୟରେ ସଂଯୋଗ ସୃଷ୍ଟି କରାଇଛି । ଗବେଷଣା କ୍ଷେତ୍ରରେ ସେମାନଙ୍କୁ ଆଉ କଣ ସବୁ ସୁବିଧା ସୁଯୋଗ ପ୍ରଦାନ କରାଯାଇପାରିବ ତାହା ଦେଖିବାକୁ ହେବ । ଏଠାରେ ଏକ ଭିନ୍ନ ଧରଣର ଏକାଡେମୀ ପରିବେଶ ସୃଷ୍ଟି କରିବାକୁ ହେବ । ପିଲାଙ୍କ ଲାଗି ଲାଇବ୍ରେରୀରେ ସମସ୍ତ ପ୍ରକାର ପୁସ୍ତକ ଉପଲବ୍ଧ କରାଇବା ଉପରେ ଧ୍ୟାନ ଦିଆଯାଇଛି ।

**ପ୍ର: ଓଡ଼ିଶାରେ ପ୍ରଫେସନାଲ ଶିକ୍ଷାର ବିକାଶ ପରେ ଆପଣଙ୍କର କଣ ମତ ରହିଛି ?**

**ଉ:** ଓଡ଼ିଶାରେ ବିଶେଷ କରି ପ୍ରଫେସନାଲ କୋର୍ସ କ୍ଷେତ୍ରରେ ଶିକ୍ଷା ଦାନ ବ୍ୟବସ୍ଥା ଭଲ ରହିଛି । ଏ କ୍ଷେତ୍ରରେ ଅନେକ ଆହ୍ୱାନ ମଧ୍ୟ ରହିଛି, ଯେଉଁଥିରେ ଆମକୁ ଆଗେଇ ତୁରନ୍ତ ପରିବର୍ତ୍ତନ ଆଣିବାକୁ ହେବ । ଦେଶ ତଥା ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବାକୁ ହେବ ।

**ପ୍ର: ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ସ୍ୱାତନ୍ତ୍ର୍ୟ କ'ଣ ?**

**ଉ:** ଏହା କେବଳ ଏକ ଶିକ୍ଷାନୁଷ୍ଠାନରେ ସୀମିତ ନୁହେଁ ଏହା ବିଦ୍ୟାର୍ଥୀମାନଙ୍କ ପାଇଁ ଏକ ସାଧନା କ୍ଷେତ୍ର । ଏଠାରେ ଉଚ୍ଚକୋଟୀର ଶିକ୍ଷା ପ୍ରଦାନ ସହ ବିଶ୍ୱ ସ୍ତରରେ ଘଟୁଥିବା ଆର୍ଥିକ, ବାଣିଜ୍ୟିକ ଓ ବିତ୍ତ ସମ୍ପର୍କରେ ଆଲୋଚନା ମାଧ୍ୟମରେ ବିଶ୍ୱସ୍ତରୀୟ ଜ୍ଞାନ ପ୍ରଦାନ କରାଯାଇଥାଏ ।

**ପ୍ର: ଏକ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ଭାବେ ବିଜିୟୁରେ ଆଗକୁ କଣ ସବୁ ପଦକ୍ଷେପ ଗ୍ରହଣ କରୁଛନ୍ତି ?**

**ଉ:** ଏକ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ଭାବେ ବିଜିୟୁରେ ଭିତ୍ତିଭୂମି ବେଶ ଭଲ ରହିଛି । ଆଗକୁ ଏଠାରେ ନୂଆ ନୂଆ ବିଷୟରେ ଏଠାରେ ପିଜି କୋର୍ସ ଖୋଲିବାକୁ ଯୋଜନା କରୁଛୁ । ଆସନ୍ତା ବର୍ଷ ହ୍ୟୁମାନିଟିଜ୍ ବିଭାଗରେ ନୂଆ ପାଠ୍ୟକ୍ରମ ଦେବାକୁ ଯୋଜନା ରହିଛି । ମ୍ୟାନେଜମେଣ୍ଟ ଏବଂ ଜେଏମ୍‌ସିରେ ମଧ୍ୟ ନୂଆ ସ୍ପେଶିଆଲାଇଜେସନ୍ ଦେବାକୁ ଚେଷ୍ଟା ଚଳାଇଛୁ ।

**ପ୍ର: ବିଜିୟୁରେ ପ୍ଲେସ୍‌ମେଣ୍ଟ କ୍ଷେତ୍ରରେ ସ୍ଥିତି କ'ଣ ରହିଛି ?**

**ଉ:** ବିଜିୟୁରେ ପ୍ଲେସ୍‌ମେଣ୍ଟ ନେଇ କୌଣସି ସମସ୍ୟା ନାହିଁ । ସେଭଳି ସମସ୍ୟା ସୃଷ୍ଟି ହେବା ଭଳି ପରିସ୍ଥିତି ଏଠାରେ କେବେ ବି ଆସିବ ନାହିଁ । ଏହି ଅନୁଷ୍ଠାନରେ ଛାତ୍ରଛାତ୍ରୀମାନଙ୍କର ଶତପ୍ରତିଶତ ପ୍ଲେସ୍‌ମେଣ୍ଟ ହୋଇଥାଏ । ଆମେ ପ୍ଲେସ୍‌ମେଣ୍ଟ ନେଉଥିବା କମ୍ପାନୀ ସମ୍ପର୍କରେ ସବିଶେଷ ତଥ୍ୟ ନେଇଥାଉ ।

₹ 3.00 RNI No. ODIODI/2003/11342 Postal Regd. No. BN/140/15-17

କେବଳ ନିଛକ ସତ୍ୟ

# ସୂର୍ଯ୍ୟପ୍ରଭା
SURYAPRAVA

ଦ୍ୱୈତନଗରୀ ସହ ୧୬ ପୃଷ୍ଠା

ଭାଗ ୧୬, ସଂଖ୍ୟା ୨୦୩, ଶୁକ୍ରବାର ୯ ଜୁନ, ୨୦୧୭ ଭୁବନେଶ୍ୱର www.suryaprava.co.in FRIDAY 9 June 2017 Bhubaneswar ମୂଲ୍ୟ ୩ ଟଙ୍କା



# 'ଶିକ୍ଷା ସହିତ ଶିକ୍ଷକଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ଶି**କ୍ଷା ହିଁ ସମାଜର ଆଲୋକ । ଗୋଟିଏ ସୁସ୍ଥ ଓ ଆଦର୍ଶ ସମାଜ ଗଠନରେ ଶିକ୍ଷା ସହିତ ଶିକ୍ଷକଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଦେଶରେ ବଦଳୁଥିବା ଅର୍ଥନୈତିକ ଓ ସାମାଜିକ ଅଭିବୃଦ୍ଧି ସହିତ ବଦଳିଛି ଶିକ୍ଷା ବ୍ୟବସ୍ଥା । ଆଧୁନିକ ଶିକ୍ଷା ପଦ୍ଧତି ଉପରେ ବିଦ୍ୟାର୍ଥୀ ଓ ଅଭିଭାବକମାନଙ୍କର ଆଗ୍ରହ କ୍ରମଶଃ ବଢ଼ିଚାଲିଛି । ରାଜ୍ୟର ସର୍ବପୁରାତନ ବିଶ୍ୱବିଦ୍ୟାଳୟ ଉତ୍କଳ ବିଶ୍ୱବିଦ୍ୟାଳୟଠାରୁ ଭାରତ ସରକାରଙ୍କ ସୁନାମଧନ୍ୟ ବିଶ୍ୱବିଦ୍ୟାଳୟ ତଥା ଆଇଆଇଟି ପରି ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକ ଶିକ୍ଷାଦାନ ସହିତ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛନ୍ତି । ଏହି ଅବସରରେ ନିଜର ବହୁମୁଖୀ ପ୍ରତିଭାସମ୍ପନ୍ନ ବ୍ୟକ୍ତିତ୍ୱ ତଥା ଜାତୀୟସ୍ତରୀୟ ଶିକ୍ଷାନୁଷ୍ଠାନ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ପ୍ରଥମ କୁଳପତି ଭାବେ ଦାୟିତ୍ୱ ଗ୍ରହଣ ଅବସରରେ ଆମେ ଭେଟିଥିଲୁ **ପ୍ରଫେସର ସୁଧାକର ପଣ୍ଡା**ଙ୍କୁ ।

***ପ୍ରଥମ ଥର ଲାଗି ଏକ ବେସରକାରୀ ଶିକ୍ଷାନୁଷ୍ଠାନରେ ଯୋଗଦେବା ସମୟରେ ଆହ୍ୱାନ କ'ଣ ରହିଛି ?***

☞ ଶିକ୍ଷାଦାନ ସମୟରେ ସରକାରୀ ବେସରକାରୀ ଭେଦଭାବ ନଥାଏ । ବିଦ୍ୟାର୍ଥୀ ସର୍ବଦା ସମାନ ଅଟନ୍ତି । ଏହା ମୋ ପାଇଁ ଆହ୍ୱାନ ନୁହେଁ, ଏହା ମୋ ପାଇଁ ଏକ ସୁଯୋଗ ଅଟେ ।

***ରାଜ୍ୟରେ ଅନେକ ଘରୋଇ ଶିକ୍ଷାନୁଷ୍ଠାନ ଥିବା ବେଳେ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ସ୍ୱତନ୍ତ୍ରତା କ'ଣ ?***

☞ ଏହା କେବଳ ଏକ ଶିକ୍ଷାନୁଷ୍ଠାନରେ ସୀମିତ ନୁହେଁ, ଏହା ବିଦ୍ୟାର୍ଥୀମାନଙ୍କ ପାଇଁ ଏକ ସାଧନା କ୍ଷେତ୍ର । ଉଚ୍ଚକୋଟୀର ଶିକ୍ଷା ଦିଆଯିବା ସହିତ ବିଶ୍ୱ ସ୍ତରରେ ଘଟୁଥିବା ଆର୍ଥିକ, ବାଣିଜ୍ୟିକ ଓ ବିତ୍ତ ସମ୍ପର୍କରେ ସେମାନଙ୍କ ସହ ଆଲୋଚନା ମାଧ୍ୟମରେ ବିଶ୍ୱସ୍ତରୀୟ ଜ୍ଞାନ ପ୍ରଦାନ କରାଯାଇଥାଏ ।

***ମୁଖ୍ୟ ଫୋକସ୍ କ'ଣ ରହିବ ?***

☞ ବିଜିୟୁ ଛାତ୍ରଛାତ୍ରୀମାନଙ୍କ ପାଇଁ ଏପରି ଏକ ବାତାବରଣ ସୃଷ୍ଟି କରିବାର ପ୍ରୟାସ କରୁଛି, ଯାହା ଦ୍ୱାରା ସୁଜ୍ଞାନୀ ଏବଂ ଅଭିନବ ହୋଇପାରିବେ ଏବଂ ଆହ୍ୱାନମୂଳକ ପରିବେଶରେ କାର୍ଯ୍ୟ କରିବା ନିମନ୍ତେ ଇଚ୍ଛୁକ ରହିବେ ଛାତ୍ରଛାତ୍ରୀମାନେ । ଏତଦ୍‌ବ୍ୟତୀତ ଅର୍ଥନୀତି, ବାଣିଜ୍ୟ, ମ୍ୟାନେଜମେଣ୍ଟ ଓ ଜର୍ଣ୍ଣାଲିଜିମ୍ କ୍ଷେତ୍ରରେ ଗବେଷଣା କରିବା ପାଇଁ ସୁଯୋଗ ମଧ୍ୟ ସୃଷ୍ଟି କରାଯାଉଛି ।

***ଆଜିର ଯୁଗରେ ସବୁ ଆଡ଼େ ଦୃଢ଼ ପ୍ରତିଯୋଗିତା । ଏଥିପାଇଁ ଅନୁଷ୍ଠାନକୁ କିପରି ପ୍ରସ୍ତୁତ କରିବେ ?***

☞ ବିଶ୍ୱବିଦ୍ୟାଳୟ ଢାଞ୍ଚା ଭିତରେ ରହି ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ନିଜକୁ ପ୍ରସ୍ତୁତ କରିବାକୁ ପଡ଼ିଥାଏ । ଶିକ୍ଷକମାନଙ୍କୁ ଶିକ୍ଷା କ୍ଷେତ୍ରରେ ନିଜର ପରିଚୟ ସୃଷ୍ଟି କରିବାକୁ ପଡ଼ିଥାଏ । ନିଜ ନିଜ ବିଷୟରେ ଉତ୍କୃଷ୍ଟମାନର ଗବେଷଣା କରିବା ସହ ନିଜ ନିଜ ବିଷୟରେ ଶିକ୍ଷାଜନିତ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ଶିକ୍ଷକମାନଙ୍କୁ ସାହାଯ୍ୟ କରାଯାଇଥାଏ । ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଜନିତ କାର୍ଯ୍ୟକ୍ରମରେ ଯୋଗଦାନ କରିବା ପାଇଁ ସମସ୍ତ ପ୍ରକାର ସୁବିଧା ଓ ସୁଯୋଗ ମଧ୍ୟ ଯୋଗାଇ ଦିଆଯାଇଥାଏ । ବିଭିନ୍ନ କାର୍ଯ୍ୟକ୍ରମ କରିଆରେ ପିଲାଙ୍କ ଭିତରେ ନୈତିକ ମନୋବଳ ବୃଦ୍ଧିକରିବା ପାଇଁ ପ୍ରୟାସ କରାଯାଇଥାଏ ।

***ୟୁନିଭର୍ସିଟି ପକ୍ଷରୁ ନୂତନ ପାଠ୍ୟକ୍ରମ ପାଇଁ କ'ଣ ଯୋଜନା ରହିଛି ?***

☞ ବର୍ତ୍ତମାନ ସାରା ଦେଶର ୧୨ଟି ରାଜ୍ୟରୁ ଛାତ୍ରଛାତ୍ରୀମାନେ ଏହି ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି । ଏଠାରେ ବିବିଏ, ଏମ୍‌ବିଏ ଓ ମାସ୍ କମ୍ୟୁନିକେସନ୍ ଆଣ୍ଡ୍ ଜର୍ଣ୍ଣାଲିଜିମ୍ ପାଠ୍ୟକ୍ରମ ରହିଛି । ଇକୋନୋମିକ୍ସ ଓ କମର୍ସରେ ନୂତନ ପାଠ୍ୟକ୍ରମ ବ୍ୟବସ୍ଥା କରାଯାଉଛି । ଏହି ଅବସରରେ ଦେଶର ବିଭିନ୍ନ ପ୍ରାନ୍ତରେ ଥିବା ବିଜ୍ଞ ଶିକ୍ଷକମାନଙ୍କୁ ବିଶ୍ୱବିଦ୍ୟାଳୟ ତରଫରୁ ସମ୍ପର୍କ କରାଯାଇଛି ।

***ପ୍ଲେସ୍‌ମେଣ୍ଟ କ୍ଷେତ୍ରରେ ସ୍ଥିତି କ'ଣ ରହିଛି ?***

☞ ଏହି ଅନୁଷ୍ଠାନରେ ଛାତ୍ରଛାତ୍ରୀମାନଙ୍କର ଶତପ୍ରତିଶତ ପ୍ଲେସ୍‌ମେଣ୍ଟ ହୋଇଥାଏ । ବିଶ୍ୱସ୍ତରୀୟ କର୍ପୋରେଟ୍ ହାଉସରେ ଛାତ୍ରଛାତ୍ରୀମାନେ ନିଜର କର୍ମଜୀବନ ଆରମ୍ଭ କରିବାର ସୁଯୋଗ ପାଇଥାନ୍ତି । ଠିକ୍ ସମୟରେ ପରୀକ୍ଷା କରି ଠିକ୍ ସମୟରେ ପରୀକ୍ଷାଫଳ ପ୍ରକାଶିତ ହେବା ସହିତ ବିଦ୍ୟାର୍ଥୀମାନଙ୍କୁ ଗ୍ଲୋବାଲ୍ ଲିଡ଼ରସିପ୍ ନେବାର ପ୍ରଶିକ୍ଷଣ ମଧ୍ୟ ଦିଆଯାଇଥାଏ ।

**ଉପସ୍ଥାପନା : ନିରୋଦ ବରଣ ମହାପାତ୍ର**